# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**02 December – 2025**

**************************************

## ମୁଖ୍ୟ ସମ୍ବାଦ

- ସଂସଦରେ ନିର୍ବାଚନୀ ସଂସ୍କାର ପ୍ରସଙ୍ଗରେ ଆସନ୍ତା ୯ ତାରିଖରେ ଆଲୋଚନା ହେବ; କହିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ
- ବିଧାନସଭାରେ 'ଓଡ଼ିଶା ଜନବିଶ୍ୱାସ ବିଲ୍-୨୦୨୫'କୁ ନେଇ ଜାରି ରହିଛି ଆଲୋଚନା
- ଓଡ଼ିଆ ନାମଫଳକ ନଥିବା ୩୧୯ଟି ବ୍ୟବସାୟିକ ପ୍ରତିଷ୍ଠାନଠାରୁ ଜୋରିମାନା ଆଦାୟ ହୋଇଥିବା ଗୃହରେ ସୂଚନା ଦେଲେ ବିଭାଗୀୟ ମନ୍ତ୍ରୀ

ଏବଂ

- ସମ୍ବଲପୁରରେ ଆରମ୍ଭ ହେଲା ଜାତୀୟ ରୋଡ୍ ସାଇକ୍ଲିଂ ପ୍ରତିଯୋଗିତା

## ରିଜିଜୁ ବ୍ରିଫିଙ୍ଗ୍

ଲୋକସଭାରେ ଆସନ୍ତା ୮ ତାରିଖରେ ଜାତୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ପାଳନନେଇ ବିଶେଷ ଆଲୋଚନା ହେବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି । ନିର୍ବାଚନୀ ସଂସ୍କାର ଉପରେ ୯ ତାରିଖରେ ଆଲୋଚନା ହେବ ବୋଲି ସ୍ଥିର ହୋଇଛି । ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ଶ୍ରୀ ରିଜିଜୁ କହିଛନ୍ତି । ଲୋକସଭାରେ ଏହି ଆଲୋଚନା ଶେଷ ହେବା ପରେ ରାଜ୍ୟସଭାରେ ମଧ୍ୟ ଆଲୋଚନା ପାଇଁ ସରକାରଙ୍କ ତରଫରୁ ପ୍ରସ୍ତାବ ଆଗତ କରାଯିବ।

ଶ୍ରୀ ରିଜିଜୁ କହିଛନ୍ତି, ନିର୍ବାଚନ କମିଶନଙ୍କ ସଂସ୍କାର ଏକ ବୃହତ ପ୍ରସଙ୍ଗ । ଏହା ସରକାରଙ୍କ ଦ୍ୱାରା ପ୍ରସ୍ତୁତ ହେବା ପରେ ସଂସଦରେ ଆଲୋଚନା ପାଇଁ ଆଗତ କରାଯାଇଥିଲା । ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଏକ ପ୍ରଶାସନିକ ପ୍ରସଙ୍ଗ ଏବଂ ଏହା ଉପରେ ନିର୍ବାଚନ କମିଶନ୍ ନିଷ୍ପତ୍ତି ଗ୍ରହଣ କରିଥାନ୍ତି ବୋଲି ମନ୍ତ୍ରୀ ଶ୍ରୀ ରିଜିଜୁ କହିଛନ୍ତି ।

## ସଚାର ସାଥୀ

ମୋବାଇଲ୍‌ରେ 'ସଂଚାର ସାଥୀ ଆପ୍' ବ୍ୟବହାର ବାଧ୍ୟତାମୂଳକ ନୁହେଁ ବୋଲି କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି। ସଂସଦର ଶୀତକାଳୀନ ଅଧିବେଶନର ଦ୍ୱିତୀୟ ଦିନରେ ଆଜି

ଲୋକସଭାରେ କଂଗ୍ରେସ ସଦସ୍ୟମାନେ ମୋବାଇଲ୍‌ରେ ସଂଚାର ସାଥୀ ଆପ୍ ବ୍ୟବହାରକୁ ବାଧ୍ୟତାମୂଳକ କରାଯିବା ନିଷ୍ପତ୍ତିକୁ ବିରୋଧ କରି ହଙ୍ଗାମା କରିଥିଲେ। ଏହି ଆପ୍ ବ୍ୟବହାର ଦ୍ୱାରା ଉପଭୋକ୍ତାଙ୍କ ଗୋପନୀୟତା କ୍ଷୁଣ୍ଣ ହେବା ସହ ବ୍ୟକ୍ତିଗତ ତଥ୍ୟ ପ୍ରଘଟ ହେବାର ଆଶଙ୍କା ରହିଛି ବୋଲି ବିରୋଧୀ ଦର୍ଶାଇଥିଲେ। ବିଭାଗୀୟ ମନ୍ତ୍ରୀ ଶ୍ରୀ  ସିନ୍ଧିଆ ଏ ସମ୍ପର୍କରେ ଉତ୍ତର ରଖି ଜଣେ ଚାହିଲେ ନିଜ ମୋବାଇଲରୁ ଏହି ଆପ୍‌କୁ ହଟାଇଦେଇ ପାରିବେ ବୋଲି ସ୍ପଷ୍ଟ କରିଥିଲେ।

## ବୁଣାକାର ଯୋଜନା

କେନ୍ଦ୍ରୀୟ ସହାୟତା ନ ପାଇବା କାରଣରୁ କୌଣସି ହସ୍ତତନ୍ତ ଓ ବୟନ ଶିଳ୍ପ ବନ୍ଦ ହୋଇଥିବାର ସୂଚନା ଏପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ। ଦେଶର ହସ୍ତତନ୍ତ ଓ ବୟନଶିଳ୍ପ କର୍ମଚାରୀ ଏବଂ ବୁଣାକାରମାନଙ୍କ କଲ୍ୟାଣ ପାଇଁ କେନ୍ଦ୍ର ସରକାର ବହୁବିଧ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି କେନ୍ଦ୍ର ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା କହିଛନ୍ତି। ସଂସଦର ଶୀତକାଳୀନ ଅଧିବେଶନର ଦ୍ୱିତୀୟ ଦିନରେ ଆଜି ଲୋକସଭାରେ କଳାହାଣ୍ଡି ସାଂସଦ ମାଳବିକା ଦେବୀଙ୍କ ଏକ ଅଣତାରକା ଚିହ୍ନିତ ପ୍ରଶ୍ନର ଉତ୍ତର ଦେଇ ବିଭାଗୀୟ ମନ୍ତ୍ରୀ  କହିଛନ୍ତି, ହସ୍ତତନ୍ତ ଓ ବୟନଶିଳ୍ପର ବିକାଶ ପାଇଁ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ହସ୍ତତନ୍ତ ଉନ୍ନୟନ ଯୋଜନା-ଏନ୍‌ଏଚ୍‌ଡିପି ଏବଂ କଞ୍ଚାମାଲ ଯୋଗାଣ ଯୋଜନା-ଆରଏମ୍‌ଏସ୍‌ଏସ୍ ପ୍ରଣୟନ କରାଯାଇଛି। ଏଥିସହିତ ଦେଶରେ ନୂଆ ବୁଣାକାର ସୃଷ୍ଟି କରିବା ଲକ୍ଷ୍ୟରେ କଞ୍ଚାମାଲ ଯୋଗାଣ, ଉତ୍ପାଦିତ ସାମଗ୍ରୀ ବିକ୍ରି ଏବଂ ହସ୍ତତନ୍ତ ଓ

ବୟନଶିଳ୍ପର ବିକାଶ ପାଇଁ ସରକାର ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି ।

ବୁଣାକାରଙ୍କ ଦକ୍ଷତା ବୃଦ୍ଧି ଓ ଉତ୍ପାଦ ଡିଜାଇନ କୌଶଳ ପାଇଁ ସମର୍ଥ ଯୋଜନାରେ ତାଲିମ୍, ବୈଷୟିକ ସହଯୋଗ, ରିହାତି ହାରରେ ମୁଦ୍ରାରଣ ଯୋଗାଇ ଦିଆଯାଇ ବୁଣାକାରଙ୍କ ସାମାଜିକ ନିରାପତ୍ତାକୁ ନିଶ୍ଚିତ କରାଯାଇଛି ।

## ବିଧାନସଭା

ସପ୍ତଦଶ ବିଧାନସଭାର ଶୀତକାଳୀନ ଅଧିବେଶନର ଆଜି ପଞ୍ଚମ ଦିନର ଦ୍ୱିତୀୟାର୍ଦ୍ଧରେ ଗୃହକାର୍ଯ୍ୟ ସ୍ୱାଭାବିକ ଚାଲିଛି । ଗତକାଲି ଗୃହରେ ଉପସ୍ଥାପିତ ହୋଇଥିବା ଓଡ଼ିଶା ଜନବିଶ୍ୱାସ ବିଲ୍ ୨୦୨୫ ସମ୍ପର୍କରେ ଆଲୋଚନା ପାଇଁ  ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗୃହରେ ପ୍ରସ୍ତାବ ରଖିଥିଲେ । ବର୍ତ୍ତମାନ ଗୃହରେ ବିଲ୍ ଉପରେ ବିତର୍କ ଜାରି ରହିଛି । ଉଭୟ ଶାସକ ଓ ବିରୋଧୀ ଦଳର ପ୍ରମୁଖ ସଦସ୍ୟମାନେ ବିଲ୍ ଉପରେ ଯୁକ୍ତି ଉପସ୍ଥାପନ କରୁଛନ୍ତି ।

## ଅନ୍ୱେଷା

ଅନ୍ୱେଷା ଯୋଜନାରେ ୨୦ ହଜାର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି-ଏସ୍‌ସି/ଏସ୍‌ଟି ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ଚଳିତ ଆର୍ଥିକବର୍ଷରେ ଯୋଜନା ପାଇଁ ୧୫୮ କୋଟି ୮ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ବିଧାନସଭାରେ ଆଗତ ମୁଲତବୀ ପ୍ରସ୍ତାବର ଉତ୍ତରରେ ମନ୍ତ୍ରୀ

ଶ୍ରୀ ଗଣ୍ଡ କହିଛନ୍ତି, ୧୧ ଜିଲ୍ଲାର ୧୬୩ଟି ଶିକ୍ଷାନୁଷ୍ଠାନରେ ୨୦ ହଜାର ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ଆଗାମୀ ୫ ବର୍ଷ ପାଇଁ ଯୋଜନା ଜାରି ରଖିବା ପ୍ରସ୍ତାବ ବିଚାରାଧିନ ରହିଛି ବୋଲି ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି ।

## ନାମଫଳକ

ରାଜ୍ୟରେ ଓଡ଼ିଆ ନାମଫଳକ ନଥିବା ୩୧୯ଟି ବାଣିଜ୍ୟିକ ପ୍ରତିଷ୍ଠାନଠାରୁ ଜୋରିମାନା ଆଦାୟ କରାଯାଇଛି ବୋଲି ଶ୍ରମ ମନ୍ତ୍ରୀ ଗଣେଷରାମ ସିଂ ଖୁଣ୍ଟିଆ ଆଜି ଗୃହରେ ସୂଚନା ଦେଇଛନ୍ତି । ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଖୁଣ୍ଟିଆ କହିଛନ୍ତି, ୨୦୨୩ ରୁ ୨୫ ମଧ୍ୟରେ ୨ ହଜାର ୫୯୪ ଜଣଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ୍ ୧୯୫୬ ଅନୁଯାୟୀ ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ସମ୍ମୁଖରେ ସ୍ୱଷ୍ଟ ଭାବେ ଓଡ଼ିଆ ଭାଷାରେ ନାମ ଫଳକ ପ୍ରଦର୍ଶନ ବାଧ୍ୟତାମୂଳକ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

## ମେଧାବୀ ଛାତ୍ର ପ୍ରୋତ୍ସାହନ

୨୦୨୫-୨୬ ଶିକ୍ଷାବର୍ଷ ଲାଗି ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ପାଇଁ ମାର୍ଗଦର୍ଶିକା ଜାରି ହୋଇଛି । ଛାତ୍ରବୃତ୍ତି ପାଣ୍ଠିକୁ ସିଧାସଳଖ ଲାଭ ହସ୍ତାନ୍ତର-ଡିବିଟି ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରାଯିବ । ରାଜ୍ୟ ବାହାରର ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାଗତ ରେକର୍ଡ, ଯୋଗ୍ୟତା ଛାତ୍ରବୃତ୍ତି ପାଇଁ ଆବଶ୍ୟକୀୟ ପରୀକ୍ଷା ସହ ମାର୍କସିଟ୍ ଅପ୍‌ଲୋଡ କରିବାକୁ ବାଧ୍ୟତାମୂଳକ କରାଯାଇଛି । ୟୁଜି ପାଠ୍ୟକ୍ରମ ପାଇଁ ବୟସସୀମା ୨୫ ବର୍ଷ, ପିଜି ପାଇଁ ୩୦ ବର୍ଷ ଓ ବୈଷୟିକ ବୃତ୍ତିଗତ ପାଠ୍ୟକ୍ରମ ପାଇଁ ୩୦ ବର୍ଷ ବୟସରୁ ଊର୍ଦ୍ଧ୍ୱ ବୟସର ଛାତ୍ରଛାତ୍ରୀମାନେ ଇ-

ମେଧାବୃତ୍ତି ପାଇଁ ଯୋଗ୍ୟ ହେବେ ନାହିଁ। ଜିଲ୍ଲାପାଳଙ୍କ ଦ୍ୱାରା ଗଠିତ କମିଟି ଯୋଗ୍ୟ ଆବେଦନକାରୀଙ୍କୁ ଚୂଡାନ୍ତ କରିବେ।

## ସମୀକ୍ଷା ବୈଠକ

**ନୟାଗଡ଼** ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟ ଓ ମହିଳା ଏବଂ ଶିଶୁ କଲ୍ୟାଣ ବିଭାଗର ସମନ୍ୱୟ ସମୀକ୍ଷା ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ବିଭିନ୍ନ କାର୍ଯ୍ୟକ୍ରମ ସମୀକ୍ଷା କରିବା ସହିତ ସମସ୍ତ ଯୋଜନାକୁ ଲୋକଙ୍କ ପାଖରେ ସଠିକ ଭାବରେ ପହଞ୍ଚାଇବା ପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଶିଶୁ ଓ ପ୍ରଜନନ ସ୍ୱାସ୍ଥ୍ୟ ଅଧିକାରୀ ଆଶୀଷ କୁମାର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଓ ବ୍ଲକ୍ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## କର୍ମଶାଳା

**ବୌଦ୍ଧ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଆର୍ଥିକ ସାକ୍ଷରତା, ଅର୍ଥନୈତିକ, ସାମାଜିକ ଅଧିକାର ସମ୍ପର୍କିତ କର୍ମଶାଳା ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

## ସଚେତନତା ଯାତ୍ରା

**ନୟାଗଡ଼** ଜିଲ୍ଲା ଦଶପଲ୍ଲା ବ୍ଲକ୍‌ରେ ଆଜି ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗ ପକ୍ଷରୁ ଭୂ-ସଂପଦ ତଥ୍ୟାବଳୀ ସମ୍ପର୍କିତ ଜନସଚେତନତା ଯାତ୍ରା ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ୍‌ର କୁଲୁରୁକୁମ୍ପା, କୁଜାମେଣ୍ଡି, ଦୁଡା ଓ ଚଢ଼େୟାପଲ୍ଲୀ ପଂଚାୟତରେ ସଚେତନତା

କାର୍ଯ୍ୟକ୍ରମ ମାଧ୍ୟମରେ ଜଳ ବିଭାଜିକା କାର୍ଯ୍ୟ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଯାଇଛି । କାର୍ଯ୍ୟକ୍ରମରେ ୪ଟି ପଞ୍ଚାୟତର ୪୬ ଜଣ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ସଫଳ ହୋଇଥିବା ୧୪ ଜଣ  ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ଆଲୋଚନାଚକ୍ର

**ନୟାଗଡ଼** ଜିଲ୍ଲା ଓଡ଼ଗାଁ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପରିସରରେ ମାନବିକ ଅଧିକାର ସୁରକ୍ଷା ସଂଘର ଭୂମିକା ସଂପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି ।  ଆଲୋଚନାଚକ୍ରରେ ଜାତୀୟ ମାନବିକ ଅଧିକାର ସଦସ୍ୟ ତଥା ଝାଡଖଣ୍ଡ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଡକ୍ଟର ବିଦ୍ୟୁତ ରଂଜନ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଧାରଣ ଲୋକଙ୍କ ପାଖରେ ନ୍ୟାୟ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଓ ସମ୍ମାନୀତ ଅତିଥି ଭାବରେ ନୟାଗଡ଼ ଜିଲ୍ଲା ଦୌରାଜଜ୍ ଜଷ୍ଟିସ୍ ଆନନ୍ଦ ନାରାୟଣ ମହାରଣା ମାନବିକ ଅଧିକାର ଅକ୍ଷୁଣ୍ଣ ରଖିବା ପାଇଁ ଆଇନ୍‌ର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ ।

## ସଚେତନତା କାର୍ଯ୍ୟକ୍ରମ

**ପୁରୀ** ଜିଲ୍ଲା ମୋଚି ସାହିଠାରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଲିଙ୍ଗଭିତ୍ତିକ ହିଂସା ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହିଳା ଓ ବାଳିକାମାନଙ୍କ ପାଇଁ ନିରାପଦ ସ୍ଥାନ ବିଷୟବସ୍ତୁ ଉପରେ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା ।

## ଓଡଗାଁ ପରିଦର୍ଶନ

**ନୟାଗଡ଼** ଜିଲ୍ଲା ଓଡ଼ଗାଁ ସହରର ସ୍ୱଚ୍ଛତା ଓ ସୁନ୍ଦରତା ପରଖିବା ପାଇଁ ଆଶିକା ଏନ୍‌ଏସିର ଏକ ୬ ଜଣିଆ ପ୍ରତିନିଧି ଦଳ ଓଡ଼ଗାଁ ପରିଦର୍ଶନ କରିଛନ୍ତି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଭାଗନେଇ ସମସ୍ତ ସଫେଇ କର୍ମଚାରୀ, ସ୍ୱଚ୍ଛ ସାଥୀ ଏବଂ ସରକାରୀ କର୍ମଚାରୀ ଓଡ଼ଗାଁରେ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଲାଗି ସଂକଳ୍ପ ନେଇଥିଲେ ।

## ସାଇକ୍ଲିଂ

**ସମ୍ବଲପୁର**ରେ ୩୦ତମ ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିଅନ୍‌ସିପ୍ ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତା ଯୁବପିଢ଼ିଙ୍କୁ ଖେଳ ପାଇଁ ପ୍ରୋତ୍ସାହିତ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

**- V/O -**

ପ୍ରତିଯୋଗିତାରେ ଦେଶର ବିଭିନ୍ନ ସ୍ଥାନରୁ ୧ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି ।

## ବ୍ୟଞ୍ଜନ ଦ୍ୱାଦଶୀ

ମାର୍ଗଶୀର ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ଅବସରରେ ଆଜି ପୁରୀର ବିଭିନ୍ନ ମଠଗୁଡ଼ିକରେ ବ୍ୟଞ୍ଜନ ଦ୍ୱାଦଶୀ ପାଳନ କରାଯାଇଛି । ଭଗବାନ ଶ୍ରୀକୃଷ୍ଣଙ୍କ ପାଇଁ ସମର୍ପିତ ଆଜିର ଦିନଟି ଗୌଡୀୟ ବୈଷ୍ଣବ ସମ୍ପ୍ରଦାୟର ଅନୁଗାମୀମାନଙ୍କର ଏକ ପ୍ରମୁଖ ପର୍ବ । ମାତା ଯଶୋଦା ଦ୍ୱାଦଶୀ ତିଥିରେ

ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ନାନାଦି ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରିଥିବା ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପାଇଁ ଏହି ପରମ୍ପରା ପାଳନ କରାଯାଉଛି । ଚଳିତ ବର୍ଷ ମଧ୍ୟ ଭଗବାନ ଶ୍ରୀକୃଷ୍ଣଙ୍କ ପାଇଁ ୮୭୫ରୁ ଊର୍ଦ୍ଧ୍ୱ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଛି ।

**ସୁବର୍ଣ୍ଣପୁର** ଜିଲ୍ଲାର ପାତାଳି ଶ୍ରୀକ୍ଷେତ୍ର ସମେତ ବୀର ମହାରାଜପୁର ବ୍ଲକ୍‌ର ବଡ଼ଖମାର ଗାଁରେ ଥିବା ଶ୍ୟାମସୁନ୍ଦର କୁଞ୍ଜ କୁଟୀରରେ ବ୍ୟଞ୍ଜନ ଦ୍ୱାଦଶୀ ପାଳିତ ହୋଇଯାଇଛି । ନିତ୍ୟ ବୃନ୍ଦାବନ ଭାବେ ଖ୍ୟାତ ଖମାର ମଠର ଆରାଧ୍ୟ ରାଧାକୃଷ୍ଣଙ୍କ ପାଖରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ପ୍ରସ୍ତୁତ ୧୫୬ ପ୍ରକାର ଓଡ଼ିଆ ବ୍ୟଞ୍ଜନ ନୈବେଦ୍ୟ ଆକାରରେ ଅର୍ପଣ କରାଯାଇଥିଲା ।

## ବନକଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆସନ୍ତାକାଲି ମାର୍ଗଶୀର ଶୁକ୍ଳ ତ୍ରୟୋଦଶୀ ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୫ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## ଚଇତି

**ରାୟଗଡ଼ା** ଜିଲ୍ଲାର କଳା, ସାହିତ୍ୟ ଏବଂ ପରମ୍ପରାର ଗଣପର୍ବ ଚଇତି-୨୦୨୫ ଆଜି କାଶୀପୁର ମା’ମାଣିକେଶ୍ୱରୀ ପୀଠରୁ ଶୁଭାରମ୍ଭ ହୋଇଛି । ମନ୍ଦିର ପରିସରରୁ ଏକ କଳସ ଶୋଭାଯାତ୍ରା ବାହାରି ଚଇତି ପଡିଆରେ କଳସ ସ୍ଥାପନ ହୋଇଥିଲା । ଏହି ଅବସରରେ ଜିଲ୍ଲାପାଳ ଆଶୁତୋଷ

କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାୟଗଡ଼ା ବିଧାୟକ ଆପୋଲୋ ସ୍ୱାମୀ କାଡାରାକା ଯୋଗ ଦେଇଥିଲେ। ଆସନ୍ତା ୨୬ ତାରିଖରେ ଜିସିଡି ପଡିଆରେ ଜିଲ୍ଲାସ୍ତରୀୟ ଚଇତି ପର୍ବ ଅନୁଷ୍ଠିତ ହେବ।